ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୫ ଅକ୍ଟୋବର, ୨୦୨୦

## ବୀରମହାରାଜପୁର: ପାଳିତ ହେଲା ଭାଇ ଜିଉଁନ୍ତିଆ

ଅମରପାଲି, ଡି.ଏନ.ଏ)- ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଭାଇ ଜିଉଁନ୍ତିଆ ପାଳିତ ହୋଇଯାଇଛି । ଭାଇର ମଙ୍ଗଳ ମନାସି ଦେବୀ ଦୁର୍ଗାଙ୍କୁ ପୂଜା କରିଥିଲେ ଭଉଣୀମାନେ। ସକାଳୁ ଜଳାଶୟକୁ ଯାଇ ସେଠାରେ ପୂଜାର୍ଚ୍ଚନା ପରେ ଘରକୁ ଆସି ଭାଇମାନଙ୍କୁ ଦୁବ ଛୁଆଁଇ ହାତରେ ଜିଉନ୍ତିଆ ବାନ୍ଧିଥିଲେ ।



## ସଂକ୍ଷେପରେ

### ଦୁର୍ଘଟଣାରେ ନାବାଳକ ଗୁରୁତର

ବିନିକା,୨୪।୧୦(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଯୋଗେଶ୍ୱର ମନ୍ଦିର ସମ୍ମୁଖରେ ଶନିବାର ବାଇକରେ ଯାଉଥିବା ଜଣେ ନାବାଳକ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ହୋଇଛନ୍ତି । ନାବାଳକ ଜଣକ ହେଲେ ସିନ୍ଦୁରପୁର ଗ୍ରାପ ଅଧୀନ ବିଶାଳପାଲି ସାପୁଆଟିକ୍ରାର ପ୍ରମୋଦ ଭାଟୀ । ପୂର୍ବାହ୍ନ ୧୦ଟା ସମୟରେ ଭାଟୀ ତାଙ୍କର ଦୁଇଜଣ ସାଙ୍ଗଙ୍କ ସହ ଏକ ବାଇକ୍‌ରେ ବିନିକା ସହରକୁ ଯାଉଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ଟ୍ରାକ୍ଟରକୁ ଧକ୍କା ଦେଇଥିଲେ।ଜ ଟ୍ରାକ୍ଟରଟି ବିନିକା ସହରରୁ ବିଶାଳପାଲି ପଟକୁ ଯାଉଥିଲ । ଦୁର୍ଘଟଣାରେ ଗୁରୁତର ଆହତ ଭାଟୀଙ୍କୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

### ପୂଜାମଣ୍ଡପ ଖାଁ ଖାଁ , ନା ଅଛି ଆଲୋକ ନା ତୋରଣ

ବୌଦ୍ଧ,୨୪।୧୦(ସ୍ୱ.ପ୍ର.): ଶକ୍ତିମୟୀ ମା’ ଦୁର୍ଗା ଧରାପୃଷ୍ଠକୁ ଅବତରଣ କରିଛନ୍ତି। କିନ୍ତୁ ଚଳିତ ବର୍ଷ କରୋନା ମହାମାରୀ ଯୋଗୁ ଦୁର୍ଗା ପୂଜା ଫିକା ପଡିଯାଇଛି। ବୌଦ୍ଧ ସହରର ସମସ୍ତ ପୂଜା ମଣ୍ଡପ ଖାଁ ଖାଁ ଲାଗୁଛି । ପୂଜା କମିଟିଗୁଡିକ ପକ୍ଷରୁ ମା ’ଙ୍କର କେବଳ ପୂଜାବିଧି ପାଳନ କରାଯାଉଥିବା ବେଳେ କୌଣସି ଚାକଚକ୍ୟ ତୋରଣ କି ଆଲୋକସଜ୍ଜା ହୋଇନାହିଁ । ବୌଦ୍ଧ ସହରର ସର୍ବପୁରାତନ ଦେବୀ ପୀଠ ମଧ୍ୟରେ ଗାନ୍ଧୀଛକର ଟାଉନ ଦୁର୍ଗାପୂଜା, ପୋଡାପଡା, କେଉଟସାହି ଓ ମାଳିସାହିର ପୂଜାମଣ୍ଡପଗୁଡିକରେ ବିନା ଭକ୍ତରେ ପୂଜାବିଧି ପାଳନ ହେଉଥିବା ଦେଖିବାକୁ ମିଳିଛି । ପୂଜା ମଣ୍ଡପଗୁଡିକରେ ଭିଡ ନ ଜମାଇବାକୁ ପୋଲିସ ପକ୍ଷରୁ ପାଟ୍ରୋଲିଂକୁ କଡାକଡି କରାଯାଇଛି ।

### କେନାଲରେ ଭାସିଗଲେ ଯୁବକ

ବରଗଡ଼ ଅଫିସ୍,୨୪।୧୦: ବରଗଡ଼ ମୁଖ୍ୟ କେନାଲ ବରଡ଼ୋଲ ଛକ ନିକଟ ଗାଧୁଆଘାଟ ନିକଟରେ ଶନିବାର ଦିନ ପ୍ରାୟ ସାଢେ ୧୧ଟାରେ ଜଣେ ଯୁବକ ଭାସି ଯାଇଛନ୍ତି । ସେ ହେଲେ ବରଗଡ଼ ତଳିପଡ଼ାର ଓମପ୍ରକାଶ ଭୋଇ(୨୨)। ବରଗଡ଼ ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି କରୁଥିଲେ ସୁଦ୍ଧା ଖବର ଲେଖାହେବା ପର୍ଯ୍ୟନ୍ତ (ସନ୍ଧ୍ୟା ସାଢ଼େ ୬ଟା) ନିଖୋଜ ଯୁବକଙ୍କ ପତ୍ତା ମିଳିପାରିନାହିଁ। ଶୁକ୍ରବାର ମଧ୍ୟ ଏହି କେନାଲରେ ଅନ୍ୟ ଜଣେ ବୃଦ୍ଧ ଜଳନ୍ଧର କଲେତ୍(୭୦) ଭାସି ଯାଇଛନ୍ତି । ଏପର୍ଯ୍ୟନ୍ତ ତାଙ୍କର ମଧ୍ୟ ସନ୍ଧାନ ମିଳିପାରିନାହିଁ । ଦୁଇଦିନରେ ୨ଜଣ କେନାଲ ପାଣିରେ ଭାସି ଗଲେଣି।

### କରୋନାରେ ପୁଣି ଜଣେ ମୃତ

ବରଗଡ଼ ଅଫିସ୍,୨୪।୧୦: ବରଗଡ଼ ଜିଲାରେ କରୋନା (କୋଭିଡ୍-୧୯) ସଂକ୍ରମଣ ଥମିବା ନାଁ ନେଉନାହିଁ। ଜିଲାରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ବଢ଼ିଚାଲିଛି। ଏଠାରେ ପୁଣି ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି । ମୃତକ ଜଣକ ଜଣେ ୫୩ବର୍ଷୀୟ ଏବଂ ସେ ଡାଇବେଟିସ୍, ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ଥିଲେ । ଏହାପରେ ସରକାରୀ ଭାବେ ଜିଲାରେ କରୋନା ମୃତକଙ୍କ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି । ସେହିପରି ଶନିବାର ୫୬ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ଶିଶୁଙ୍କ ସମେତ ୧୫ଜଣ ମହିଳା, ୪୧ଜଣ ପୁରୁଷ ରହିଛନ୍ତି। ଏହାପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୮୩୨୪ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୭୭୬୭ଜଣ ସୁସ୍ଥ ହୋଇଥିବାବେଳେ ଅନ୍ୟମାନେ ଚିକିତ୍ସାଧୀନ ରହିଥିବା ସୂଚନା ଦିଆଯାଇଛି ।

### ସୁନ୍ଦରଗଡ଼: ୧୪ ମଣ୍ଡପରେ ଶାରଦୀୟ ଦୁର୍ଗାପୂଜା

ସୁନ୍ଦରଗଡ, ୨୪।୧୦ (ଡି.ଏନ.ଏ.): ଚଳିତ ବର୍ଷ କରୋନା ଯୋଗୁଁ ଶାରଦୀୟ ଦୁର୍ଗାପୂଜା ଫିକା ପଡିଛି। ହେଲେ ସରକାରଙ୍କ କୋଭିଡ କଟକଣାକୁ ପାଳନ କରି ସୁନ୍ଦରଗଡରେ ବିଭିନ୍ନ ଦେବୀ ପୀଠ ଓ ପୂଜା ମଣ୍ଡପରେ ରୀତିନୀତି ଅନୁଯାୟୀ ପୂଜା ଚାଲିଛି। ସୁନ୍ଦରଗଡ ସମଲେଶ୍ୱରୀ ମନ୍ଦିରରେ ଶାରଦୀୟ ଷୋହଳ ପୂଜାର୍ଚ୍ଚନା ବିଧି ମୁତାବକ ଚାଲିଥିବା ବେଳେ ସହରର ୧୪ଟି ପୂଜା ମଣ୍ଡପରେ ଦେବୀ ଦୁର୍ଗାଙ୍କ ପୂଜା ଚାଲିଛି। ମଣ୍ଡପରେ ୫ ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ଓ ମେଢ଼ ତିଆରି ହୋଇଛି। ମଣ୍ଡପଗୁଡିକରେ ପୂର୍ବ ବର୍ଷ ଭଳି ତୋରଣ ଓ ଆଲୋକ ସାଜସଜ୍ଜା ନାହିଁ ।

# ଡକାୟତିରେ ବିହାରୀ ଅପରାଧୀଙ୍କ ଲିଙ୍କ

- ୨ ଡକାୟତି ଘଟଣାର ପର୍ଦ୍ଦାଫାଶ
- ୪ ଅଭିଯୁକ୍ତ ଗିରଫ
- ପିସ୍ତଲ, ୩ ବାଇକ୍, ୭ ମୋବାଇଲ, ୨ ବ୍ୟାଟେରି ଜବତ

ବଲାଙ୍ଗୀର ଅଫିସ, ୨୪।୧୦

ବଲାଙ୍ଗୀର ସହର ରେଲୱେ ଷ୍ଟେଶନ୍ ରୋଡରେ ଥିବା ଦୁଇଟି ଦୋକାନରେ ହୋଇଥିବା ଡକାୟତି ଘଟଣା ଉପରୁ ପୋଲିସ ପରଦା ହଟାଇଛି । ଏହି ଦୁଇ ଡକାୟତି ଘଟଣାରେ ଟାଉନ୍‌ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକ ପିସ୍ତଲ ସହ ଜୀବନ୍ତ ଗୁଳି, ୩ଟି ବାଇକ୍, ୭ ମୋବାଇଲ ଓ ୨ ବ୍ୟାଟେରୀ ଜବତ୍ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର କ୍ଷେତ୍ରରାଜପୁରର ବଣ୍ଟି ଓରଫ୍ ବିଭୂତି ଭୂଷଣ ସୁନା ଓରଫ୍ ରାଧେ (୩୪), ବୌଦ୍ଧ ଜିଲା ବାଉଁଶୁଣୀର ମଙ୍ଗଲୁ ଓରଫ୍ ମଙ୍ଗଲୁ ଖାଙ୍କର (୨୭), ବଲାଙ୍ଗୀର ଗାନ୍ଧୀନଗରପଡାର ମମିଲ ମହାଲିଙ୍ଗ (୩୩) ଓ ମେଘନାଦପଡାର ମହାଦେବ ସାହୁ (୨୩) । ଏହି ଦୁଇ ଡକାୟତି ମାମଲାରୁ ଗୋଟିଏ ଡକାୟତି ଘଟଣାରେ ବିହାରର ଦୁଇଜଣ ଅପରାଧୀ ସମ୍ପୃକ୍ତ ଥିବା ପୋଲିସ ସୂଚନା ଦେଇଛି ।

ଗତ ଜାନୁୟାରୀ ୨୦ ତାରିଖ ରାତି ୮ଟା ୧୫ରେ ଏୟାରଟେଲ ଫ୍ରାଞ୍ଚାଇଜ୍ ଓ ପେମେଣ୍ଟ ବ୍ୟାଙ୍କ ଷ୍ଟଲକୁ ତିନିଜଣ ଅପରିଚିତ ଯୁବକ ପଶିଆସି ବନ୍ଧୁକ ଦେଖାଇ କାଉଣ୍ଟରରୁ ୩ ଲକ୍ଷ ୫୦ ହଜାର ଟଙ୍କା, ଅନ୍ୟ ୬ ଜଣଙ୍କଠାରୁ ୫୦ ହଜାର ଟଙ୍କା, ସୁନାଚେନ୍, ୯ଟି ମୋବାଇଲ ଲୁଟି ଫେରାର ହୋଇଯାଇଥିଲେ । ଏ ନେଇ ମାଲପଡାର ଅନୀଲ କୁମାର ମିଶ୍ର ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୩୪/୨୦) ରୁଜୁ ହୋଇଥିଲା। ଅଭିଯୁକ୍ତ ମମିଲ ମହାଲିଙ୍ଗଙ୍କ ସୂଚନାକ୍ରମେ ଅଭିଯୁକ୍ତ ବଣ୍ଟି ଓ ଅମିତ୍ ଏୟାରଟେଲ ଫ୍ରାଞ୍ଚାଇଜ୍ ଡକାୟତି ଯୋଜନା କରି ବିହାରର ବିକି ଓ ଲଖନ୍ ନାମକ ଦୁଇଜଣ ଅପରାଧୀଙ୍କୁ ଡକାଇ ଡକାୟତି ଘଟାଇଥିଲେ। ଗତ ସେପ୍ଟେମ୍ବର ୧୩ ତାରିଖ ରାତି ୯ଟାରେ ମମିଲଙ୍କ ସୂଚନା ମୁତାବକ ବଣ୍ଟି, ଅମିତ୍ ଓ ମହାଦେବ ସାହୁ ରେଲୱେ ଷ୍ଟେଶନ୍ ରୋଡର ମେହେର ବ୍ୟାଟେରୀ ଦୋକାନକୁ ପଶି ସେଠାରେ ମଧ ପିସ୍ତଲ ଦେଖାଇ ଦୋକାନୀଙ୍କୁ ଠାରୁ ସୁନାଚେନ୍, ୩ଟି ମୋବାଇଲ ଓ ୩ଟି ବ୍ୟାଟେରୀ ଲୁଟି ନେଇଥିଲେ । ଏ ନେଇ ଶିବରାମ ମେହେରଙ୍କ ଅଭିଯୋଗକ୍ରମେ ଟାଉନ୍ ଥାନାରେ ଏକ ମାମଲା (ନଂ.୩୮୨/୨୦) ରୁଜୁ ହୋଇଥିଲା । ଏହି ଦୁଇ ଡକାୟତି ଘଟଣାର ତଦନ୍ତ କରି ଟାଉନ୍ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି । ବଲାଙ୍ଗୀର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ଟାଉନ୍ ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ ଟାଉନ୍ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ଡକାୟତି ସମ୍ପର୍କରେ ସୂଚନା ଦେଇଛନ୍ତି ।


ପୋଲିସ ହେପାଜତରେ ଗିରଫ ୪ ଅଭିଯୁକ୍ତ ।



ଜବତ୍ ପିସ୍ତଲ, ମୋବାଇଲ, ବ୍ୟାଟେରୀ ଓ ବାଇକ।

# ପୂଜାମଣ୍ଡପରେ କରୋନା ସଚେତନତା


ସମ୍ବଲପୁର ଧନୁପାଲି ଥାନା ଅଞ୍ଚଳର ପୂଜା ମଣ୍ଡପରେ ପୋଲିସ ଓ ପୂଜା କମିଟି ସଦସ୍ୟ ।

### ପୋଲିସ-ପୂଜା କମିଟିର ମିଳିତ ଉଦ୍ୟମ

ସମ୍ବଲପୁର, ୨୪।୧୦ (ବ୍ୟୁରୋ)

ଚଳିତ ବର୍ଷ ଦୁର୍ଗାପୂଜା କରୋନା କଟକଣା ଯୋଗୁଁ ଫିକା ପଡିଛି। ତେଣୁ ପୂଜା କମିଟି ପକ୍ଷରୁ କେବଳ ରୀତିନୀତି ଅନୁସାରେ ପୂଜା କରାଯାଉଛି। ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ବାତିଲ କରାଯାଇଛି। ସାମାଜିକ ଦୂରତା ପାଳନ କରି କେତେକ ଭକ୍ତ ମା ଦୁର୍ଗାଙ୍କୁ ଦର୍ଶନ କରିବା ପାଇଁ ଆସୁଛନ୍ତି। ସେମାନଙ୍କୁ ସଚେତନତା ବାର୍ତ୍ତା ଦେବା ପାଇଁ ଜିଲା ପୋଲିସ ପକ୍ଷରୁ ପ୍ରୟାସ କରାଯାଇଛି। ବିଭିନ୍ନ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୂଜା କମିଟି ମିଳିତ ଭାବେ ଏହି କାର୍ଯ୍ୟକୁ ହାତକୁ ନେଇଛନ୍ତି। ପୂଜା କମିଟି ସଦସ୍ୟମାନେ ପ୍ଲାକାର୍ଡ ଧରି ମଣ୍ଡପରେ ଭକ୍ତଙ୍କୁ ପ୍ରଦର୍ଶନ କରୁଛନ୍ତି। ପୂଜା କମିଟି କୋଭିଡ ନିୟମ ପାଳନ କରୁଛି, ଆପଣମାନେ ମଧ ନିୟମକୁ ପାଳନ କରନ୍ତୁ ବୋଲି ସେମାନେ ସଚେତନ କରାଉଛନ୍ତି ।

# ସରକାରୀ କାର୍ଯ୍ୟାଳୟରେ ନାହିଁ ସର୍ବସାଧାରଣ ଶୌଚାଳୟ

### ଖୋଲାରେ ଶୌଚ କରି ଲୋକେ ହୀନସ୍ତା

ବିନିକା,୨୪।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲାର ବିନିକା ଅଞ୍ଚଳରେ ରହିଥିବା ଅଧିକାଂଶ ସରକାରୀ କାର୍ଯ୍ୟାଳୟରେ ଏଯାଏ ସର୍ବସାଧାରଣ ଶୌଚାଳୟ ବ୍ୟବସ୍ଥା ହୋଇ ପାରିନାହିଁ। ଫଳରେ ସେହିସବୁ ଅଫିସକୁ ବିଭିନ୍ନ କାମରେ ଆସୁଥିବା ଲୋକଙ୍କୁ ବହୁ ହୀନସ୍ତା ଭୋଗିବାକୁ ପଡୁଛି। ବିନିକା କୃଷି ବିଭାଗ ଅଫିସ , ବନପାଳ ଅଧିକାରୀଙ୍କ ଅଫିସ ,ଗୋଷ୍ଠୀ ଉନ୍ନୟନ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ,ଅବକାରୀ ଅଫିସ ,ପ୍ରାଣୀଧନ ଅଫିସରେ ଜନସାଧାରଣଙ୍କ ପାଇଁ ଶୌଚାଳୟ ନିର୍ମାଣ ହୋଇନାହିଁ। ବିଶେଷ କରି ତହସିଲ ଅଫିସରେ ଏହି ସୁବିଧା ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ ପ୍ରକାରର ଜମିଜମା ସଂକ୍ରାନ୍ତୀୟ ଫୌଜଦାରୀ ମାମଲା ,ଜମି କିଣାବିକା ,ସରକାରୀ ପ୍ରମାଣ ପତ୍ର ଆଣିବା ସହ ଅନ୍ୟାନ୍ୟ କାମ ପାଇଁ ଦୈନିକ ତହସିଲ କାର୍ଯ୍ୟାଳୟକୁ ବହୁ ଲୋକ ଆସିଥାନ୍ତି। କାମ ହେବା ପାଇଁ ଅନେକ ସମୟରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡିଥାଏ। ମାତ୍ର ପରିତାପର ବିଷୟ ଶୌଚାଳୟ ନ ଥିବାରୁ ଲୋକେ ବାଧ ହୋଇ ଖୋଲା ସ୍ଥାନରେ ଶୌଚ ଯାଇ ହଟହଟା ହେଉଛନ୍ତି। ଅନେକ ସମୟରେ ତହସିଲ ଅଫିସ ପଛପଟେ ଥିବା ସ୍ଥାନରେ ଲୋକେ ପରିସ୍ରା କରୁଥିବାରୁ ପରିବେଶ ଅସ୍ୱାସ୍ଥ୍ୟକର ହେଉଛି। ସେହିପରି ଅଫିସ୍ ଷ୍ଟାଫ୍‌ଙ୍କ ପାଇଁ ଉଦ୍ଦିଷ୍ଟ ଟଏଲେଟ୍ ସମ୍ମୁଖରେ ପାନ ଗୁଟଖା ଛେପ ପଡିଥିବା ବେଳେ ଅଳିଆ ଆବର୍ଜନା ପଡିରହିଛି। ବିନିକା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ମଧ ସର୍ବସାଧାରଣ ଶୌଚାଳୟ ନାହିଁ। ଫଳରେ ଏହି କାର୍ଯ୍ୟାଳୟକୁ ବିଭିନ୍ନ କାମରେ ଆସୁଥିବା ବିନିକା ଅଞ୍ଚଳର ମୋଟ ୨୫୮ଟି ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନବାଡି କର୍ମୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ କାର୍ଯ୍ୟାଳୟରେ ନିୟୋଜିତ ସରକାରୀ ଅଧିକାରୀମାନେ ସଭା ସମିତିରେ ସ୍ୱଚ୍ଛ ପରିବେଶ ଉପରେ ଭାଷଣ ଦେଉଥିବା ବେଳେ ଦୀପତଳ ଅନ୍ଧାର ପରି ନିଜ କାର୍ଯ୍ୟାଳୟ ରହିଛି। କହିବାକୁ ଗଲେ ଅଞ୍ଚଳରେ କେବଳ ହୋଡିଙ୍ଗ ଓ ଭାଷଣବାଜିରେ ସ୍ୱଚ୍ଛତା ବାର୍ତ୍ତା ସୀମିତ ରହିଛି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।



ବିନିକା ତହସିଲ ଅଫିସ ।

### ଲରମ୍ଭା ମହାବିଦ୍ୟାଳୟରେ ମାଇକ୍ରୋ ବାୟୋଲୋଜି ସୋସାଇଟି ଶାଖାର ଶୁଭାରମ୍ଭ

ଜାମଟିକ୍ରା, ୨୪।୧୦ (ଡି.ଏନ.ଏ.)

ବରଗଡ ଜିଲା ଲରମ୍ଭା ମହାବିଦ୍ୟାଳୟଠାରେ ଉଦ୍ଭିଦ ଓ ପ୍ରାଣୀ ବିଜ୍ଞାନର ମିଳିତ ଉଦ୍ୟମରେ ମାଇକ୍ରୋ ବାୟୋଲୋଜି ସୋସାଇଟି ଶାଖା ଉଦଘାଟିତ ହୋଇଛି। ଜାତୀୟ ମାଇକ୍ରୋ ବାୟୋଲୋଜି ସଭାପତି ପ୍ରଫେସର ଏସ.ଏମ. ଦେଶମୁଖ ଏହାର ଉଦ୍‌ଘାଟନ କରିଛନ୍ତି। ଏଥିରେ ଓଡିଶା ବିଭାଗ ସଭାପତି ପ୍ରଫେସର ନିରଞ୍ଜନ ବେହେରା ଅତିଥି ପରିଚୟ ଓ କଲେଜ ଅଧକ୍ଷ ଡ. ନରେନ୍ଦ୍ର କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଉଲ୍ଲାସିନୀ ସାହାଣୀ ସମ୍ପାଦନା କରିଥିଲେ। ପ୍ରାନ୍ତିୟ ସଂଯୋଜକ ଡ. ବିନିତା ନାଏକ ଏଥିରେ ସହଯୋଗ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଧିରଜ କୁମାର ନନ୍ଦ ଏଆଇପିଏଚ ଭୁବନେଶ୍ୱର ପ୍ରୋବାୟୋଟିକ୍ସ ଉପରେ ବକ୍ତବ୍ୟ ରଖିଥିଲେ । ପରେ କୋଭିଡ- ୧୯ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପିକା ଜୟ କୁମାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ମନୋରଞ୍ଜନ ତ୍ରିପାଠୀ, ପ୍ରଫେସର ଅମୃତା ସାମନ୍ତ ପରିଚାଳନାରେ ସହଯୋଗ କରିଥିଲେ।

### ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ରେଙ୍ଗାଲି, ୨୪।୧୦(ଡି.ଏନ.ଏ.): ସମ୍ବଲପୁର ଜିଲା ଠେଲକଲୋଇ ଥାନା ଦୁର୍ଗା ମଣ୍ଡପ ପଛପଟେ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଇଛି। ମୃତକଙ୍କ ବୟସ ୬୫ରୁ ୭୦ ବର୍ଷ ହେବ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିଚୟ ମିଳି ପାରିନାହିଁ।

# ପରଘରେ ପରିବାର ସହ ମୁଣ୍ଡ ଗୁଞ୍ଜିଛନ୍ତି ଅଶୋକ

### ଆବାସ ଯୋଜନାରେ ଘର ନ ପାଇ ହନ୍ତସନ୍ତ

ତରଭା,୨୩।୧୦(ଡି.ଏନ.ଏ.)

ଅଶୋକ ସେଠୀ (୩୧) । ଘର ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ମରାଡୁଗୋଛା ଗ୍ରାମର କନ୍ଧେନବୁଡୀ ପଡାରେ । ଆବାସ ଯୋଜନାରେ ଘର ପାଇବା ପାଇଁ ବହୁଦିନ ହେଲା ଆବେଦନ କରିଥିଲେ ହେଁ ତାଙ୍କୁ ଏ ଯାଏ ମିଳିନାହିଁ। ଫଳରେ ପରିବାର ସହ ଭଙ୍ଗାଦଦରା ଘରେ କିଛି ଦିନ ରହିବା ପରେ ଜୀବନ ପ୍ରତି ବିପଦ ଥିବାରୁ ଏବେ ସେ ଅନ୍ୟ ଜଣକ ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଅଶୋକ ଦିନ ମଜୁରିଆ ଭାବେ କାମ କରି ଯାହା କିଛି ରୋଜଗାର କରୁଥିଲେ ସେଥିରେ କୌଣସି ମତେ ପରିବାର ଚଳି ଯାଉଥିଲା । ହେଲେ ଗତ ୩ ମାସ ତଳେ ଦୁର୍ଘଟଣାର ଶିକାର ହେବା ପରେ ସେ ଆଉ କାମ କରିବାକୁ ଯାଇ ପାରୁନାହାନ୍ତି। ତାଙ୍କର ଗୋଟିଏ ଗୋଡ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି । ସ୍ତ୍ରୀ ପର ଘରେ କାମ କରି ଯାହା ଉପାର୍ଜନ କରୁଛନ୍ତି ସେଥିରେ ଘର ମରାମତି କରିବା ତ ଦୂରର କଥା ପରିବାର ପ୍ରତିପୋଷଣ ଠିକ ଭାବେ ହୋଇ ପାରୁନାହିଁ । ଫଳରେ ବହୁ ଦୁଃଖ କଷ୍ଟରେ ୪ ପ୍ରାଣୀ କୁଟୁମ୍ବ ଭାଗ୍ୟକୁ ଆଦରି ପଡି ରହିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ବ୍ୟକ୍ତିଙ୍କୁ ପକ୍କାଘର ଯୋଗାଇ ଦେବା ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରିଥିଲେ ହେଁ ବହୁ ଯୋଗ୍ୟ ବ୍ୟକ୍ତି ଏହାର ସୁଫଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ଅଶୋକ ବହୁ ଦିନ ହେଲା ଆବେଦନ କରିଛନ୍ତି । କିନ୍ତୁ ଏଯାବତ୍ ଘର ପାଇନାହାନ୍ତି । ନିଜ କୁଡିଆଘରର ଛପର ଭାଙ୍ଗିଯାଇଥିବା ବେଳେ କାନ୍ଥଗୁଡିକ ଫାଟି ଆଁ କରି ରହିଛି। ଫଳରେ ଉକ୍ତ ଘରେ ରହିବା ପାଇଁ ପରିବାର ଲୋକେ ଭୟ କରି ଅନ୍ୟ ଜଣଙ୍କ ଘରେ ଜାଗା ମାଗି ରହୁଛନ୍ତି । ଏହି ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଘର ମଞ୍ଜୁର କରିବା ସହ ଆର୍ଥିକ ସହାୟତା ପ୍ରଦାନ ପାଇଁ ଦାବି ହେଉଛି ।


ଭଙ୍ଗା ଘର ସାମ୍ନାରେ ଅଶୋକ।

# ଇଂଲିଶ ସମ୍ମାନରେ ଅଦ୍ୱୈତା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଟପ୍ପର

ବଲାଙ୍ଗୀର ଅଫିସ, ୨୪।୧୦

ବଲାଙ୍ଗୀର ମହିଳା ମହାବିଦ୍ୟାଳୟ ଛାତ୍ରୀ ଅଦ୍ୱୈତାରାଣୀ ବେଦବାକ୍ ଚଳିତବର୍ଷ ଯୁକ୍ତତିନି ପାଠ୍ୟକ୍ରମର ଇଂଲିଶ ସମ୍ମାନ ପରୀକ୍ଷାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଅଦ୍ୱୈତା ୭.୮୪ ସିଜିପିଏ ରଖି ଏହି ସଫଳତା ହାସଲ କରିଛନ୍ତି । ଅଦ୍ୱୈତା ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତତିନି ଶ୍ରେଣୀରେ ଇଂରାଜୀ ସମ୍ମାନ ବିଷୟରେ ପାଠ ପଢୁଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଇଂଲିଶ ସମ୍ମାନରେ ଟପ୍ପର ହେବାରେ ଅଦ୍ୱୈତା ବଲାଙ୍ଗୀର ମହିଳା ମହାବିଦ୍ୟାଳୟର ପ୍ରଥମ ଛାତ୍ରୀ ବୋଲି କୁହାଯାଇଛି। ପୂର୍ବରୁ ସେ ପବ୍ଲିକ୍ ସ୍କୁଲରେ ଷ୍ଟୁଡେଣ୍ଟ ଅଫ୍ ଦି ଇଅର ପୁରସ୍କାର ଲାଭ କରିଥିଲେ। ଅଦ୍ୱେତା ଆଗକୁ ଇଂଲିଶ ବିଷୟରେ ସ୍ନାତକୋତ୍ତର ପାଇଁ ପ୍ରବେଶିକା ପରୀକ୍ଷା ଦେଇଥିବା କହିଛନ୍ତି। ବଲାଙ୍ଗୀର କଂସାରୀପଡା ନିବାସୀ ଆଲୋକ ରଞ୍ଜନ ବେଦବାକ୍ ଓ ସରୋଜିନୀଙ୍କ ଝିଅ ଅଦ୍ୱୈତା ଭବିଷ୍ୟତରେ ଜଣେ ଅଧାପିକା ହେବାର ଲକ୍ଷ୍ୟ ରଖିଥିବା କହିଛନ୍ତି ।


କୃତୀ ଛାତ୍ରୀ ଅଦ୍ୱୈତାରାଣୀ ବେଦବାକ୍ ।

# ରେଙ୍ଗାଲିରେ ଦୁର୍ଗାପୂଜା

ରେଙ୍ଗାଲି, ୨୪।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ଦୁର୍ଗାପୂଜା ଆରମ୍ଭ ହୋଇଛି। ରେଙ୍ଗାଲି ସହର ରେଲୱେ ଷ୍ଟେଶନ ସ୍ଥିତ ଦୁର୍ଗା ମନ୍ଦିରରେ ମାଙ୍କ ନବରାତ୍ର ପୂଜା କରାଯାଉଛି। ବସ୍‌ଷ୍ଟାଣ୍ଡ ଦୁର୍ଗା ପୂଜା କମିଟି ପକ୍ଷରୁ କୋଭିଡ ନିୟମ ଅନୁଯାୟୀ ପୂଜାର୍ଚ୍ଚନା ଚାଲିଛି। ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ସାମାଜିକ ଦୂରତ୍ୱ ସହ ଭକ୍ତମାନେ ମାଙ୍କ ଦର୍ଶନ କରୁଛନ୍ତି। ମଣ୍ଡପରେ ମାସ୍କ ବଣ୍ଟନ କରାଯିବ ସହ ସାନିଟାଇଜ କରାଯାଉଛି। ସେହିପରି ରେଙ୍ଗାଲି ବ୍ଲକର ରାମଚନ୍ଦ୍ର ନଗର, ଠେଲକଲୋଇ, କତରବଗାଠାରେ ମଧ କୋଭିଡ ନିୟମ ଅନୁଯାୟୀ ପୂଜା କରାଯାଉଛି।

# ଧଏଁର କାରିଗରଙ୍କ ଗାଁ ଭିରକାପଡ଼ା-ଫଟାମୁଣ୍ଡା


ରିଷିଡା ହାଟରେ ଧଏଁର ବିକ୍ରି ପାଇଁ କାରିଗରମାନେ ପସରା ମେଲିଛନ୍ତି ।

ରିଷିଡା, ୨୪।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା-ତେରେସିଂହା ଛକ ନିକଟରେ ଅବସ୍ଥିତ ଭିରକାପଡା-ଫଟାମୁଣ୍ଡା ଗାଁ। ଏହି ଛୋଟ ଗ୍ରାମର ଅଧିକାଂଶ ଲୋକ ବାଉଁଶ ତିଆରି ସାମଗ୍ରୀ ଧଏଁର (ମାଛ ଧରିବା ପାଇଁ ସ୍ୱତନ୍ତ୍ର ଜାଲ) ତିଆରିକରିଗୁଜୁରାଣ ମେଣ୍ଟାଇଥାନ୍ତି। କରୋନା କଟକଣା ଏହି କାରିଗରଙ୍କ ଜୀବନ ଜୀବିକା ଉପରେ ଗଭୀର ପ୍ରଭାବ ପକାଇଛି। ବଜାର, ହାଟରେ ଲୋକ କମ୍ ହେଉଥିବାରୁ ଏହି ସାମଗ୍ରୀ ଆଗଭଳି ବିକ୍ରି ହେଲାନାହିଁ। ଏଥିସହିତ ଲକ୍‌ଡାଉନ ଯୋଗୁ କଞ୍ଚାମାଲ ବାଉଁଶ ସଂଗ୍ରହରେ ସମସ୍ୟା ହେବାରୁ କାରିଗରମାନେ ପୂର୍ବପରି ଧଏଁର ତିଆରି କରି ପାରିଲେନାହିଁ।

ଗାଁର ବାଉଁଶ କାରିଗର ହେମନ୍ତ ରଣା କୁହନ୍ତି, ୩ ଫୁଟ ଲମ୍ବ, ୧ ଫୁଟ ଚଉଡା ଏହି ଧଏଁରର ଦର ପ୍ରାୟ ୨ଶହରୁ ୩ଶହ ଟଙ୍କାରେ ବିକ୍ରି କରାଯାଇଥାଏ। ଧଏଁର ପ୍ରସ୍ତୁତ ପରେ ଏହି ଗାଁର କାରିଗରମାନେ ଗାଁଠାରୁ ୧ କିମି ଦୂର ରିଷିଡା ଶନିବାର ସାପ୍ତାହିକ ହାଟରେ ବିକ୍ରି କରିଥାନ୍ତି। ମଜୁରି ଉଠୁନାହିଁ। ହେଲେ ବର୍ଷ ବର୍ଷ ଧରି କରି ଆସିଥିବାରୁ ଆଜି ବି ସେମାନେ ଧଏଁର ତିଆରି କରିଆସୁଛନ୍ତି ବୋଲି କହିଛନ୍ତି ଅନ୍ୟତମ କାରିଗର ଦିଲୀପ ରଣା। ତାଙ୍କ କହିବାନୁସାରେ, ଧଏଁରରେ ଛୋଟ ମାଛ ସହଜରେ ଧରାପଡୁଥିବାରୁ ଏହାର ଚାହିଦା ଅଧିକ। ସାଧାରଣତଃ ଚାଷଜମିରେ ଏହାକୁ ବସାଇ ଲୋକେ ମାଛ ଧରିଥାନ୍ତି। ହେଲେ ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ ସବୁକିଛି ମାନ୍ଦା ପଡିଛି। ଅପରପକ୍ଷରେ ବାଉଁଶର ଅଭାବ ଯୋଗୁ କାରିଗରମାନେ ଧଏଁର ତିଆରି କରିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବା କାରିଗରମାନେ କହିଛନ୍ତି।

# ପ୍ଲିନ୍ଥ ପତନରେ ଅଟକିଛି କଲ୍ୟାଣ ମଣ୍ଡପ

### କାମ ନିମ୍ନମାନର ହୋଇଥିବା ଅଭିଯୋଗ

ଦେଓଗାଁ, ୨୪।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ କାମ ପ୍ଲିନ୍ଥ ପତନରେ ଅଟକି ରହିଛି। ପିଲର ପାଇଁ ବନ୍ଧା ଯାଇଥିବା ଲୁହାରଡ ସବୁ କଳଙ୍କି ଲାଗିଗଲାଣି। ଅପରପକ୍ଷରେ ପ୍ଲିନ୍ଥ ପତନ ଯାଏ ଯାହା ବି କାମ ହୋଇଛି ତାହା ଅନେକ ସ୍ଥାନରେ ଫାଟି ଆଁ କଲାଣି । ତେଣୁ ଏହି ପ୍ରକଳ୍ପର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ଏହି କାମ ଆଗକୁ ନ ବଢାଇ ଭାଙ୍ଗି ସାନି ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷେ ଗାଁକୁ ଲାଗି କଲ୍ୟାଣ ମଣ୍ଡପ ନିର୍ମାଣ କରାଗଲେ ଲୋକେ ଉପକୃତ ହୋଇପାରିଥାନ୍ତେ। କିନ୍ତୁ ଗାଁରୁ ପ୍ରାୟ ଦେଢ଼ କିଲୋମିଟର ଦୂର ପଞ୍ଚାୟତ ଅଫିସ ପରିସରରେ କେଉଁ ସ୍ୱାର୍ଥରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଉଛି ବୋଲି ଅନେକେ ମତବ୍ୟକ୍ତ କରିଛନ୍ତି। ଏଥିସହିତ ବିନା ସୂଚନା ଫଳକରେ ନିମ୍ନମାନର କାମ କରାଯାଇଥିବାରୁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପ୍ରତି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ବାଗଙ୍କୁ ପଚାରିବାରୁ ମୁଁ ମାସେ ହେଲା ଏଠାରେ ଯୋଗଦେଇଛି । ଫାଇଲ ଦେଖିଲା ପରେ କହି ପାରିବି ବୋଲି ଉତ୍ତର ଦେଇଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ମୋହନ ମହାଲିକଙ୍କୁ ପଚାରିବାରୁ ନିର୍ମାଣ ନିମ୍ନମାନର ହୋଇଥିବା ଅଭିଯୋଗ ପରେ କାମକୁ ବନ୍ଦ କରାଯାଇଛି। ନଷ୍ଟ ହେବାକୁ ବସିଥିବା ନିର୍ମାଣକୁ ଭାଙ୍ଗି ନୂତନଭାବେ କାମ ଆରମ୍ଭ କରାଯିବ ବୋଲି କହିଥିଲେ । ସରପଞ୍ଚ ସ୍ନେହଲତା ଶାନ୍ତଙ୍କୁ ପଚାରିବାରୁ କଲ୍ୟାଣ ମଣ୍ଡପ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି କହିଛନ୍ତି।


ବ୍ରାହ୍ମଣୀଯୋର ପଞ୍ଚାୟତ ପରିସରରେ ନଷ୍ଟହେବାକୁ ବସିଥିବା କଲ୍ୟାଣ ମଣ୍ଡପ ପ୍ଲିନ୍ଥ କାମ ।

